# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**13 December – 2025**

# ମୁଖ୍ୟମନ୍ତ୍ରୀ–ଇକୋ ରିଟ୍ରିଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଚନ୍ଦ୍ରଭାଗା ବେଳାଭୂମିରେ କୋଣାର୍କ ଇକୋ ରିଟ୍ରିଟ୍‌କୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶରେ ଇକୋ ରିଟ୍ରିଟ୍ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ୍ ଭାବେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି । ଇକୋ ରିଟ୍ରିଟ୍ ଦ୍ୱାରା ସ୍ଥାନୀୟ ଲୋକମାନଙ୍କ ପାଇଁ ଜୀବିକା ସୃଷ୍ଟି, ପରିବେଶ ସଂପର୍କରେ ସଚେତନତା ଓ ସ୍ଥାନୀୟ ଅର୍ଥନୀତିର ଅଭିବୃଦ୍ଧି ସମ୍ଭବ ହୋଇପାରିଛି । ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପର୍ଯ୍ୟଟନ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସରକାର ୧୫ଟି ଆଦର୍ଶସ୍ଥଳକୁ ବିକଶିତ କରିବା ସହ ୨୫ଲକ୍ଷ ଜୀବିକା ସୃଷ୍ଟି କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଚଳିତ ଥର ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୭୦ଟି ବିଳାସପୂର୍ଣ୍ଣ ତମ୍ବୁଘର ନିର୍ମାଣ କରାଯାଇଛି ।

**V/O**

# ଅମୃତ ଭାରତ ଷ୍ଟେସନ

ଅମୃତ ଭାରତ ରେଳ ଷ୍ଟେସନ୍ ଯୋଜନାରେ ପୁନର୍ବିକାଶ ପାଇଁ ୧ ହଜାର ୩୩୭ଟି ରେଳ ଷ୍ଟେସନ ଚିହ୍ନଟ କରାଯାଇଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ରାଜ୍ୟସଭାରେ ଓଡ଼ିଶାର ରେଳ ଷ୍ଟେସନଗୁଡ଼ିକର ପୁନର୍ବିକାଶ ସଂପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି, ଓଡ଼ିଶାର ଝାରସୁଗୁଡ଼ା ଜଙ୍କ୍‌ସନ୍, ସମ୍ବଲପୁର, ଅନୁଗୁଳ, ଭୁବନେଶ୍ୱର ଏବଂ ପୁରୀ ସମେତ ୫୯ଟି ଷ୍ଟେସନ ଏଥିରେ ସାମିଲ ରହିଛି । ଅମୃତ ଭାରତ ଯୋଜନାରେ କଟକ, ବରପାଲୀ, ପାରଳାଖେମୁଣ୍ଡି, ବିମଳାଗଡ଼ ଓ ବାରିପଦା ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ ଶେଷ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

---

## ମହୋତ୍ସବ

ଲୋକଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ଅର୍ଥନୈତିକ ପ୍ରଗତିକୁ ଶକ୍ତି ଦେଉଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ନୟାଗଡ଼ ଜିଲ୍ଲାର ରାଜସୁନାଖଳାଠାରେ ରାଜସୁନଖଳା ମହୋତ୍ସବ ଓ ପଲ୍ଲୀଶ୍ରୀମେଳାର ଉଦ୍‌ଯାପନି ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ପ୍ରଜାମଣ୍ଡଳ ଆନ୍ଦୋଳନରେ ଏହି ଅଞ୍ଚଳର ଉଲ୍ଲେଖନୀୟ ଭୂମିକା ରହିଥିଲା । ରାଜ୍ୟ ଓ ଦେଶର ପ୍ରଗତି ପାଇଁ କୃଷକ, ବ୍ୟବସାୟୀ ଓ ସ୍ୱୟଂସହାୟକ ଗୋଷ୍ଠୀମାନେ ପରାକାଷ୍ଠା ପ୍ରଦର୍ଶନ କରିବା ପାଇଁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ସାଂସଦ ଡକ୍ଟର ସମ୍ବିତ ପାତ୍ରଙ୍କ ସମେତ ଅନ୍ୟ ବିଧାୟକମାନେ ଯୋଗ ଦେଇଥିଲେ ।

---

# ଆଲୋଚନାଚକ୍ର

ଓଡ଼ିଶା ବାର୍ ଆସୋସିଏସନ୍ ପକ୍ଷରୁ ଆସନ୍ତାକାଲି କଟକ ଶହୀଦ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ମଧ୍ୟ ସାମିଲ ହେବେ । ବାର୍ ଆସୋସିଏସନ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ : ମାମଲା ଖର୍ଚ୍ଚ ଓ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏହି ଅବସରରେ ବରିଷ୍ଠ ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ।

---

# ବୁଝାମଣା

ରାଜ୍ୟ ସରକାର ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ସ୍ୱୟଂଶାସିତ ବୈଜ୍ଞାନିକ ସଂସ୍ଥା ଭାସ୍କରାଚାର୍ଯ୍ୟ ରାଷ୍ଟ୍ରୀୟ ମହାକାଶ ପ୍ରଯୁକ୍ତି ଓ ଜିଓ ଇନ୍‌ଫର୍ମେଟିକ୍ସ ସଂସ୍ଥା  ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।ଏହି ଅବସରରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଏହାଦ୍ୱାରା ଡାଟା ଆଧାରିତ ସଂଯୁକ୍ତ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେବ । ଏହି ବୁଝାମଣା ଡିଜିଟାଲ ତଥ୍ୟ ଏବଂ ସଂଯୁକ୍ତ ନିର୍ଣ୍ଣୟ ସମର୍ଥନ ବ୍ୟବସ୍ଥା ବ୍ୟବହାର କରି ଉନ୍ନତ ଏବଂ

ସମନ୍ୱିତ ଭିତ୍ତିଭୂମି ଯୋଜନାକୁ ବିକଶିତ କରିବାରେ ସହାୟକ ହେବ ବୋଲି ଶ୍ରୀ ଆହୁଜା କହିଛନ୍ତି ।

---

## ଏଗ୍ରିଷ୍ଟାଗ୍

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କୃଷି ତଥ୍ୟ ପ୍ଲାଟଫର୍ମ **ଏଗ୍ରିଷ୍ଟାଗ୍** ବୈଠକରେ ଖରିଫ ଓ ରବି ଫସଲର ଡିଜିଟାଲ୍ ସର୍ବେକ୍ଷଣ ଉପରେ ଆଲୋଚନା ହୋଇଯାଇଛି ।୨୦୨୫ ବର୍ଷରେ ବରଗଡ଼ ଓ ଝାରସୁଗୁଡ଼ା ସର୍ବେକ୍ଷଣରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ସଫଳତା ହାସଲ କରିଥିବା ବୈଠକରୁ ଜଣାପଡ଼ିଛି । ଏଗ୍ରିଷ୍ଟାଗ୍ ମାଧ୍ୟମରେ ସରକାର କୃଷକଙ୍କ ଜମି, ଫସଲ ସମ୍ବନ୍ଧୀୟ ସୂଚନା ଡିଜିଟାଲ୍ ମାଧ୍ୟମରେ ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖିଛନ୍ତି ।

---

## ପାର୍ଲାମେଣ୍ଟ ଆଟାକ୍ ଆନିଭର୍ସାରୀ

ଦେଶ' ୨୦୦୧ ମସିହା ଆଜିର ଦିନରେ ସଂସଦ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ସହିଦ୍  ସୁରକ୍ଷା କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି । ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଓ ସଂସଦର ସଦସ୍ୟମାନେ ସଂସଦ ଭବନ ପରିସରରେ ସହିଦମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାର କାର୍ଯ୍ୟସୂଚୀ ରହିଛି ।

---

# ଖଣି ନିଲାମ

କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ ଓ ନୂଆପଡ଼ା ଜିଲ୍ଲାରେ ଥିବା ୧୨ଟି ଖଣି ନିଲାମ ହେବ । ଏ ନେଇ ଖଣିଜ ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଭୋଟର ସାକ୍ଷରତା

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟଠାରେ ଭୋଟର ସାକ୍ଷରତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ୧୮ବର୍ଷ ପୂର୍ଣ୍ଣ ହୋଇଥିବା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

# ଆଲୋଚନା

ଭଦ୍ରକ ଜିଲ୍ଲାରେ ଆସନ୍ତା ପଞ୍ଚାୟତ ନିର୍ବାଚନ ସୂଚାରୁରୂପେ ସଂପାଦନ କରିବା ନେଇ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୋଟର ତାଲିକା ସଂଶୋଧନ, ମତଦାନ କେନ୍ଦ୍ରର ସୁବିଧା, କର୍ମଚାରୀ ନିଯୁକ୍ତି ଆଦି ସଂପର୍କରେ ଆଲୋଚନା ହୋଇଥିଲା ।